**ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ସହାୟତା ପ୍ରଦାନ**

ଢେଙ୍କାନାଳ ଅଫିସ, ୫।୨: ବ୍ରେନ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋ ଗ୍ରାମର ବାଦଲ ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ବାଦଲଙ୍କ ପରିବାର ସଦସ୍ୟଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଦେଶ ପୂର୍ଣ୍ଣିମାରେ ଜଳିଲା ଝାଡ଼





ଗାଦିମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ।

ଢେଙ୍କାନାଳ ଅଫିସ, ୫।୨

ଆରମ୍ଭ ହୋଇଛି ବିଶ୍ୱପ୍ରସିଦ୍ଧ ମାଘମେଳା। ଶୂନ୍ୟଦିଅଁଙ୍କ ଆବାହନରେ ତଲ୍ଲୀନ ସାଧୁସନ୍ଥ, ଅନୁଗାମୀ, ଶ୍ରଦ୍ଧାଳୁ। ବିଶ୍ୱଜନଙ୍କ ମଙ୍ଗଳ କାମନା କରି ସନ୍ନ୍ୟାସୀମାନେ ଆରାଧନା କରୁଥିବାବେଳେ ଅଲେଖ ମହିମା ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି ସମଗ୍ର ଅଞ୍ଚଳ। ଅନ୍ୟପଟେ ମାଘ ମେଳାର ରବିବାର ଦ୍ୱିତୀୟ ଦିବସ ତଥା ଦେଶପୂର୍ଣ୍ଣିମା ଅବସରରେ ଗାଦି ମନ୍ଦିରର ଚାରିଦ୍ୱାରରେ ଝାଡ଼ଦୀପ ପ୍ରଜ୍ୱଳନ କରାଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ସାମିଲ ହୋଇ ମହିମା ଗୋସାଇଁଙ୍କ ଆଶୀର୍ବାଦ ଭିକ୍ଷା କରିବା ଲାଗି ଜନସମୁଦ୍ରରେ ପରିଣତ ହୋଇଥିଲା ଯୋରନ୍ଦା।

## ଜବରଦସ୍ତ ପାର୍କିଂ ଫି’ ଆଦାୟ

ମାଘମେଳା ଦେଖିବା ପାଇଁ ଜିଲା ତଥା ପଡ଼ୋଶୀ ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ତେବେ ଆଡିଣ୍ଡା ଛକଠାରେ କେତେଜଣ ଯୁବକ ଗାଡ଼ି ଅଟକାଇ ମାତ୍ରାଧିକ ପାର୍କିଂ ଫି’ ଆଦାୟ କରୁଛନ୍ତି। ଯାତ୍ରୀ ଏହାର ପ୍ରତିବାଦ କରିବାରୁ ଫି’ ଆଦାୟ କରୁଥିବା ଯୁବକ ଠେଙ୍ଗା ଧରି ଧମକଚମକ ଦେଇଥିଲେ। କେବଳ ଏତିକି ନୁହେଁ, ସେମାନେ ନିର୍ଦ୍ଧାରିତ କରିଥିବା ଜାଗାରେ ଜବରଦସ୍ତ ଗାଡ଼ି ପାର୍କିଂ କରାଇଥିଲେ। ଏଭଳି ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଥିବାବେଳେ ଏହାର ପ୍ରତିକାର କରିବାକୁ ଶ୍ରଦ୍ଧାଳୁମାନେ ପ୍ରଶାସନ ଓ ପୋଲିସର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଚର୍ଚ୍ଚାରେ ହନୁମାନ ବେଶଧାରୀ

ମହିମାଗାଦିରେ ଅନୁଷ୍ଠିତ ମାଘମେଳା ଦେଖିବା ଲାଗି ଚଳିତବର୍ଷ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ଜର୍ମାନୀ, ଇଂଲଣ୍ଡ, ଫ୍ରାନ୍ସରୁ ଆସି ଢେଙ୍କାନାଳ ରାଜବାଟିରେ ଅବସ୍ଥାନ କରିଥିବା ୧୮ ବିଦେଶୀ ପର୍ଯ୍ୟଟକ ଏବଂ ବାଙ୍ଗାଲୋର ଓ ମୁମ୍ବାଇରୁ ଆସିଥିବା ୮ ପର୍ଯ୍ୟଟକ ମେଳା ପରିଦର୍ଶନ କରିଥିଲେ। ବିଦେଶୀ ପର୍ଯ୍ୟଟକମାନେ ସାଧୁସନ୍ଥଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ତେବେ ରବିବାର ମେଳାରେ ଆକର୍ଷଣ ସାଜିଥିଲେ ଜଣେ ହନୁମାନ ବେଶଧାରୀ ବ୍ୟକ୍ତି। ଗାଦିମନ୍ଦିରରେ ଗଦାଧରି ବୁଲୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ପର୍ଯ୍ୟଟକମାନେ ଆଶୀର୍ବାଦ ଭିକ୍ଷା କରିଥିଲେ।


ଜଣେ ବିଦେଶୀ ପର୍ଯ୍ୟଟକ ହନୁମାନ ବେଶଧାରୀଙ୍କଠାରୁ ଆଶୀର୍ବାଦ ନେଉଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗାଦି ମନ୍ଦିରରେ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

## ‘ସରଳ ଜୀବନଯାପନ ମହିମା ଧର୍ମର ଆଦର୍ଶ’

**ଯୋରନ୍ଦା, ଅଙ୍ଗାରବନ୍ଧ ମାଘମେଳାରେ କେନ୍ଦ୍ରମନ୍ତ୍ରୀ**

ଅନୁଗୋଳ ଅଫିସ/ ଢେଙ୍କାନାଳ ଅଫିସ, ୫।୨

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ଅଙ୍ଗାରବନ୍ଧସ୍ଥିତ ମହିମା ପୀଠ ଏବଂ ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ଗାଦି ପରିଦର୍ଶନ କରି ସାଧୁସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଅଙ୍ଗାରବନ୍ଧରେ ଶୂନ୍ୟଦିଅଁଙ୍କ ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଧର୍ମେନ୍ଦ୍ର କହିଲେ, ସରଳ ଜୀବନଯାପନ ମହିମା ଧର୍ମର ଆଦର୍ଶ। ସମାଜରେ ଭ୍ରାତୃଭାବ ସୁଦୃଢ଼ କରିବା, ଈଶ୍ୱରଙ୍କ ପାଖରେ ସମର୍ପିତ ହେବା ମହିମା ଧର୍ମର ମୌଳିକ ଆଧାର ବୋଲି ଧର୍ମେନ୍ଦ୍ର କହିଥିଲେ। ଏହି ଅବସରରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗ ତରଫରୁ ଆୟୋଜିତ ‘ଫଟୋଚିତ୍ର ପ୍ରଦର୍ଶନୀ’କୁ କେନ୍ଦ୍ରମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ଏହାପରେ କେନ୍ଦ୍ରମନ୍ତ୍ରୀ ଯୋରନ୍ଦା ଗସ୍ତ କରି ବିଶ୍ୱପ୍ରସିଦ୍ଧ ମାଘମେଳାରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ବଳ୍କଳଧାରୀ ଓ କୌପୀନଧାରୀ ମହିମା ସନ୍ନ୍ୟାସୀଙ୍କ ସହ ଆଲୋଚନା କରିଥିଲେ। ଶୂନ୍ୟବାଦର ପୂର୍ଣ୍ୟପୀଠ ମହିମାଗାଦି ଯୋରନ୍ଦା। ଏଠାରେ ହେଉଥିବା ପ୍ରସିଦ୍ଧ ମାଘମେଳା ବିଶ୍ୱ କଲ୍ୟାଣ ପାଇଁ ପୂଜ୍ୟ ମହିମା ସାଧୁଙ୍କ ଏକତା ଓ ସମୂହ ପ୍ରାର୍ଥନା ମେଳା। ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ଅମୂଲ୍ୟ ବାର୍ତ୍ତା ଏବଂ ମହାନ ପ୍ରଚାରକ ସନ୍ଥକବି ଭୀମ ଭୋଇ ତାଙ୍କର ମାର୍ମିକ ସାହିତ୍ୟ ମାଧ୍ୟମରେ ଦେଇଥିବା ଜଗତ କଲ୍ୟାଣ ବାର୍ତ୍ତା ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ସତ୍ୟନାରାୟଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସରସ୍ୱତୀ ପୂଜା ଉଦ୍‌ଯାପିତ

**ସାତମାଇଲ, ୫।୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ଅଧୀନ ପାଇକପୁରୁଣାକୋଟ ପଞ୍ଚାୟତ କଙ୍କାଲୁରେ ୨୪ତମ ସରସ୍ୱତୀ ପୂଜା ଧୂମଧାମରେ ପାଳିତ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ଦାଶ ମା’ଙ୍କ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ଅନନ୍ତ ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଗାଁର ମହିଳା ମଣ୍ଡଳୀ, ସରପାର ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମକୀର୍ତ୍ତନ ପରିବେଷଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରକାଶ ମହାପାତ୍ର ପ୍ରମୁଖ ପାଲା ପରିବେଷଣ କରିଥିଲେ। ଡିଜେ, ମାଦଳ ବାଜାର ତାଳେତାଳେ କଇଥଗାଡ଼ିଆରେ ମା’ଙ୍କ ପ୍ରତିମୂର୍ତ୍ତି ବିସର୍ଜନ କରାଯାଇଛି। ପୂଜା କମିଟିର ୩୦ ସଦସ୍ୟ ସହଯୋଗ କରିଥିଲେ।

### ଗଣେଶ ବଜାରରେ ଅଗ୍ନି ଉତ୍ସବ

**ଢେଙ୍କାନାଳ ଅଫିସ, ୫।୨:** ଢେଙ୍କାନାଳ ଗଣେଶ ବଜାର ପକ୍ଷରୁ ରବିବାର ସନ୍ଧ୍ୟାରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଜାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବିଧିପୂର୍ବକ ଅଗ୍ନି ସଂଯୋଗ କରିଥିଲେ। ବସନ୍ତ ସାହୁ, ବିଶ୍ୱନାଥ ବେହେରା, ସଦାନନ୍ଦ ସାହୁ, ଅତୁଲ ନାୟକ, ସୁଶାନ୍ତ ନାୟକ, ମାଧବ ସିଲ, ଶ୍ରୀକାନ୍ତ ସାହୁ, ଅଲେଖ ବେହେରା, ଭଜମନ ସାହୁ, ଦେବନ ବେହେରା, ସନ୍ଦୀପ ସାହୁ, ଗୁଣ୍ଡିଚା ବେହେରା, ଜଗନ୍ନାଥ ହୋତା, ଚିତ୍ତରଞ୍ଜନ ସାହୁ, ଅଜୟ ସାହୁ, ପପୁନି ବାରିକ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ମହିମା ଜ୍ୟୋତି ପତ୍ରିକା ଉନ୍ମୋଚିତ



ମୁଖପତ୍ର ‘ମହିମା ଜ୍ୟୋତି’ଉନ୍ମୋଚନ କରାଯାଉଛି।

ଢେଙ୍କାନାଳ ଅଫିସ, ୫।୨

ପ୍ରସିଦ୍ଧ ମାଘମେଳା ଅବସରରେ ଗୁରୁଗାଦି ଯୋରନ୍ଦା କୌପୀନଧାରୀ ମହିମା ସମାଜର ଅଖଣ୍ଡ ଜ୍ୟୋତି ମନ୍ଦିର ସଂଲଗ୍ନ ଭଜନ ମଣ୍ଡପଠାରେ ବାର୍ଷିକ ମୁଖପତ୍ର ‘ମହିମାଜ୍ୟୋତି’ ଶନିବାର ଉନ୍ମୋଚିତ ହୋଇଛି। କୌପୀନଧାରୀ ମହିମା ସମାଜ ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ଏଥିରେ ସଭାପତିତ୍ୱ କରିଥିଲେ। ବାଲେଶ୍ୱରର ଅବସରପ୍ରାପ୍ତ ଜିଲାପାଳ ସନାତନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସନ୍ଥକବି ଭୀମଭୋଇଙ୍କ ରଚନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହିମା ଜ୍ୟୋତି ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଯୋଗ ଦେଇଥିଲେ। ଭକ୍ତ ପ୍ରଶାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ଖଗେଶ୍ୱର ସାହୁ, ଶେଷଦେବ ବାବା, ପତ୍ରିକା ସମ୍ପାଦକ ବିରଞ୍ଚି ନାରାୟଣ ହୋତା, ନାରାୟଣ ମେହେର, ପ୍ରେମାନନ୍ଦ ସାହୁ, ଡମ୍ବରୁଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ଶକ୍ତି ସୁଗାର୍ସ ଏମ୍ପ୍ଲଇଜ୍ ୟୁନିୟନ୍‌ର ନୂତନ କର୍ମକର୍ତ୍ତା

ଢେଙ୍କାନାଳ ଅଫିସ,୫।୨

ଢେଙ୍କାନାଳ ଶକ୍ତି ସୁଗାର୍ସ ଏମ୍ପ୍ଲଇଜ୍ ୟୁନିଅନ୍ ଅଫିସ୍ ପରିସରରେ ବସନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ରବିବାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପ୍ରକାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୨୦୨୩-୨୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବସନ୍ତ ବେହେରା, ଉପସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରକାଶ ସାହୁ, ସହ-ସମ୍ପାଦକ ସୁରେନ୍ଦ୍ର ପୃଷ୍ଟି, ସୁଶାନ୍ତ ପରିଡ଼ା, କୋଷାଧ୍ୟକ୍ଷ ସନ୍ତୋଷ ଦାସ, କାର୍ଯ୍ୟକାରୀ ସଦସ୍ୟ ଭାବେ ଗୋବିନ୍ଦ ବେହେରା, ଶରତ ସ୍ୱାଇଁ, ବିଜୟ ସାହୁ, ପ୍ରସନ୍ନ ସାହୁ, ଅକ୍ଷୟ ବାରିକ ଓ ମହମ୍ମଦ ରସିଦ୍ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଶ୍ରମିକ ନେତା ମହେଶ ପ୍ରସାଦ ପାଣିଙ୍କୁ ଆସନ୍ତା ବର୍ଷ ପାଇଁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

## ‘ଶିକ୍ଷା, ସେବା, ସଂସ୍କାର ଆଗକୁ ନେବ’

**ଜିଲାସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଯାପିତ**

କାମାକ୍ଷାନଗର, ୫।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ୩ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଭାରତ ସ୍କାଉଟ୍ସ, ଗାଇଡ୍ସ କ୍ୟାମ୍ପୋରୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ଯୋଗଦେଇ କହିଲେ, ସ୍କାଉଟ୍ସ, ଗାଇଡ୍ସ ସ୍ୱେଚ୍ଛାସେବୀମାନେ ଜାତି, ଧର୍ମ, ବର୍ଣ୍ଣରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁଛନ୍ତି। ଶିକ୍ଷା, ସେବା, ସଂସ୍କାର ଶିକ୍ଷାର୍ଥୀଙ୍କୁ ଆଗକୁ ନେବ ବୋଲି ମୁଖ୍ୟ ଅତିଥି କହିଥିଲେ।

ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଗଠନରେ ସ୍କାଉଟ୍ସ, ଗାଇଡ୍ସ ସ୍ୱେଚ୍ଛାସେବୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଜିଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ଧଳ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଇଓ ରୁଦ୍ରନାରାୟଣ ସାମଲ, ପ୍ରଫୁଲ୍ଲ କାଲୋ, ମିନତୀ ଦେହୁରୀ, ଶାନ୍ତନୁ ମଲ୍ଲିକ, ଜିଲା ସ୍କାଉଟ୍ସ କମିଶନର ଇତିଶ ବରାଳ, ଜିଲା ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ ସମାବେଶ ସମେତ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲାର ୧୬୭ ବିଦ୍ୟାଳୟର ୬୫୯ ପ୍ରତିଯୋଗୀ ଏବଂ ସହଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡ଼ା, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଜାତୀୟ ଘୋଷକ ବିପିନ ବିହାରୀ ସାହୁ, ଶିକ୍ଷକ ନିରଞ୍ଜନ ସାହୁ, ନରେଶ ଚନ୍ଦ୍ର ମହାରଣା, ବାନାର୍ଜୀ ମହାନ୍ତି, ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଶିକ୍ଷୟିତ୍ରୀ ରୋଜାଲିନ୍ ପତି, ଜୟସ୍ମିତା ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ।

## ମାର୍ଚ୍ଚ ୧୫ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

**ଡ୍ରାଇଭର ସଂଘର ଚେତାବନୀ**

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳ ରତନ ବଜାରସ୍ଥିତ ଅର୍ଚ୍ଚନା ଗାର୍ଡେନ୍‌ଠାରେ ରବିବାର ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଦାବି ପୂରଣରେ ଟାଳଟୂଳ ନୀତି ଅବଲମ୍ବନ କରୁଥିବାରୁ ଆଗାମୀ ମାର୍ଚ୍ଚ ୧୫ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଡ୍ରାଇଭର ସଂଘର କର୍ମକର୍ତ୍ତା।

ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଟୁଳି, ଓଡ଼ିଶା ମୋଟର ଚାଳକ ସଂଘ ସଭାପତି ଅକ୍ଷୟ ନାୟକ, ଅଲ୍ ଓଡ଼ିଶା ହେଲ୍‌ପ କ୍ୟାବ୍ ନାଇଟ୍ ଗ୍ରୁପ୍ ସଭାପତି ପ୍ରଦୀପ ମହାନ୍ତି, ଅଲ୍ ଓଡ଼ିଶା ପରିବହନ ସଂଘ ସଭାପତି ଦୀପକ ନାୟକ ପ୍ରମୁଖ ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରୁ ଶତାଧିକ ଡ୍ରାଇଭର ଯୋଗ ଦେଇଥିଲେ।

## ସଙ୍ଗଠନ ସୁଦୃଢ଼ କରିବା ପାଇଁ ଆହ୍ୱାନ

**ଯାଦବ ମହାସଭାର ଜିଲା କାର୍ଯ୍ୟକାରିଣୀ**

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ରବିବାର ଜିଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରମୋଦ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଶିଶିରକାନ୍ତ ବେହେରା, ସଦସ୍ୟ କୈଳାସ ନାୟକ, ସନାତନ ବେହେରା, ତ୍ରିଲୋଚନ ଭୂତିଆ, ରବି ପରିଡ଼ା, ହାଡ଼ିବନ୍ଧୁ ବେହେରା, ଅକ୍ଷୟ ବେହେରା, ପ୍ରତାପ ବେହେରା, ରାମଚନ୍ଦ୍ର ବେହେରା, କିରଣ ସାହୁ, ହୃଦାନନ୍ଦ ବେହେରା, ଜଗନ୍ନାଥ ବେହେରା, ଅନିଲ ଭୂତିଆ, ଅକ୍ଷୟ ଭୋଇ, ଯୁବ ଯାଦବ ସଭାପତି ଦେବାଶିଷ ବେହେରା, ହଳଧର ଦାସ, ଭୋଳେଶ୍ୱର ରାଉତ, ପ୍ରଶାନ୍ତ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ବନ ଉନ୍ନୟନ ନିଗମ ଉପଦେଷ୍ଟା ଭାବେ ସଙ୍ଗଠନର ଦେବୀ ପ୍ରସାଦ ଭୂତିଆଙ୍କୁ ମନୋନୀତ କରାଯାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଚିନ ଦାସ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକାରିଣୀ ବୈଠକରେ ଯାଦବ ମହାସଭାର କର୍ମକର୍ତ୍ତାମାନେ।

## ଭାଗନେଲେ ୩୫୦୦ ପ୍ରତିଯୋଗୀ

**ଟାଟା ଷ୍ଟିଲ୍ ରନ୍-ଏ-ଥନ୍**

ଢେଙ୍କାନାଳ ଅଫିସ, ୫।୨

ଢେଙ୍କାନାଳ ଜିଲା ପ୍ରଶାସନ ସହଯୋଗରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ରନ୍-ଏ-ଥନ୍‌ର ୩ୟ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୦ କି.ମି. ଏବଂ ୫ କି.ମି. ବର୍ଗରେ ହୋଇଥିବା ଏହି ଦୌଡ଼ରେ ସମଗ୍ର ଦେଶର ୩,୫୦୦ ପୁରୁଷ, ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଧାୟକ ସୁଧୀର ସାମଲ, ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ସରୋଜ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, କମ୍ପାନୀ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଦେହୁରୀ ଏବଂ ଅପରେଶନ ବିଭାଗ ଉପସଭାପତି ସୁବୋଧ ପାଣ୍ଡେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ।

ଚଳିତବର୍ଷ ଏହାର ଥିମ୍ ରହିଥିଲା ‘ସବୁଜ ଗ୍ରହ ପାଇଁ ଦୌଡ଼’। କଣ୍ଟାବଣିଆସ୍ଥିତ କାରଖାନାର ହାଉସିଂ କଲୋନୀରୁ ଦୌଡ଼ ଆରମ୍ଭ ହୋଇ ୫୫ନଂ. ଜାତୀୟ ରାଜପଥ ଦେଇ ଶିବପୁର ଗ୍ରାମ ଆଡ଼କୁ ଯାଇଥିଲା। ୧୦ କି.ମି. ଦୌଡ଼ର ବିଜେତାଙ୍କୁ ୪.୨ ଲକ୍ଷ ଟଙ୍କାର ମୋଟ୍ ୨୦ଟି ପୁରସ୍କାର, ନଗଦ ରାଶି, ଟ୍ରଫି ପ୍ରଦାନ କରାଯାଇଥିଲା। ପୁରୁଷ ବର୍ଗରେ ଖୋର୍ଦ୍ଧାର ରଶ୍ମିରଞ୍ଜନ ନାୟକ, ମହିଳା ବର୍ଗରେ ସାମ୍‌ସଦ ଆରା ବେଗମ ବିଜୟୀ ହୋଇଥିଲେ। ସେହିପରି ୫ କି.ମି. ପୁରୁଷ ବର୍ଗରେ ପ୍ରବୀଣ ଓ ମହିଳା ବର୍ଗରେ ଦଇତା ହନ୍ତାଳ ଶ୍ରେଷ୍ଠ ହୋଇଛନ୍ତି। ମୁମ୍ବାଇର ଏକ ଅଭିଜ୍ଞତାସମ୍ପନ୍ନ ଏଜେନ୍ସି ସହଯୋଗରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ବିଜେତାଙ୍କୁ ଚୟନ କରାଯାଇଥିଲା।

ଏହି ଉପଲକ୍ଷେ ଅନୁଗୋଳ ଓ ଢେଙ୍କାନାଳ ଜିଲା ପ୍ରଶାସନ ଦ୍ୱାରା ମନୋନୀତ ୧୦ କ୍ରୀଡ଼ାବିତ୍, ଟାଟା ଷ୍ଟିଲ୍ ଦ୍ୱାରା ତାଲିମପ୍ରାପ୍ତ ୬ ଭଲିବଲ ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପାଳ ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, କ୍ଷତିଗ୍ରସ୍ତ ପ୍ରଜାସଂଘ ସଭାପତି ଗଙ୍ଗାଧର ସାମଲ, ସିଡିଏମ୍‌ଓ ଡା. ଅଶୋକ ଦାଶ, ରିମଝିମ୍ ଇସ୍ପାତ କମ୍ପାନୀ ସିଓଓ ପ୍ରଦୀପ ଶର୍ମା, ଏମ୍‌ଜେଏମ୍ ମିନେରାଲ୍ସ ମାନବ ସମ୍ବଳ ଗ୍ରୁପ୍ ମୁଖ୍ୟ ଶ୍ରୀନିବାସ ବ୍ରହ୍ମାଙ୍କ ସମେତ କୁସୁପଙ୍ଗା, ଶିବପୁର, ନୂଆଗାଁ, ନୂଆହତା, କମଳାଙ୍ଗ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ରନ୍-ଏ-ଥନ୍‌ର ବିଜେତାଙ୍କୁ ଅତିଥିଙ୍କ ଉପସ୍ଥିତିରେ ପୁରସ୍କୃତ କରାଯାଉଛି ।

